## ସଂକ୍ଷେପରେ

### କ୍ଷେତରୁ ଯୁବକଙ୍କ ମୃତଦେହ ଜବତ ମାମଲା, ୪ ଅଟକ

**ବ୍ରହ୍ମପୁର ଅଫିସ,୧୫।୫:** ଲାଠି-ସୁକୁଣ୍ଡା ରାସ୍ତାକଡ଼ ଏକ କ୍ଷେତରୁ ଗତ ଶୁକ୍ରବାର ସକାଳେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଥିଲା। ମୃତକ ବାଉରୀ ସୁକୁଣ୍ଡା ଗ୍ରାମର ଗଙ୍ଗା ଦାସ (୨୪)। ମୃତକଙ୍କ ସ୍ତ୍ରୀ'ଙ୍କ ଅଭିଯୋଗ କ୍ରମେ ସଦର ଥାନା ପୋଲିସ ନଂ.୧୫୮/୨୩ରେ ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ୪ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। କିନ୍ତୁ ହତ୍ୟାରେ ସେମାନଙ୍କ ସମ୍ପୃକ୍ତି ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପ୍ରକାଶ ଯେ, ମୃତ ଗଙ୍ଗା ବ୍ରହ୍ମପୁରରେ ଏକ ବ୍ୟବସାୟୀଙ୍କ ଗାଡ଼ି ଡ୍ରାଇଭର ଭାବେ କାମ କରୁଥିଲେ। ସେ ପ୍ରତିଦିନ ବ୍ୟବସାୟୀଙ୍କ ମୋହଡ଼ାରେ ଥିବା ଫ୍ୟାକ୍ଟ୍ରିରେ ରହି ସେଠାରେ ଚାଲିଥିବା କାମ ତଦାରଖ କରିଥାନ୍ତି। ଗତ ଗୁରୁବାର ରାତି ୧୦ଟାରେ ସେ ଘରକୁ ଫେରିବେ ବୋଲି ତାଙ୍କ ସ୍ତ୍ରୀ ପୁଷ୍ପାଙ୍କୁ ଫୋନ୍ କରି କହିଥିଲେ। କିନ୍ତୁ ରାତି ୧୨ଟା ପର୍ଯ୍ୟନ୍ତ ସେ ନ ଫେରିବାରୁ ଗଙ୍ଗାଙ୍କୁ ସ୍ତ୍ରୀ ବାରମ୍ବାର ଫୋନ୍ କରିଥିଲେ। ଫୋନ୍ ରିଙ୍ଗ୍ ହେଉଥିଲେ ମଧ କେହି ଉଠାଇ ନ ଥିଲେ। ଶୁକ୍ରବାର ସକାଳେ ରାସ୍ତାକଡ଼ ବିଲରେ ତାଙ୍କ ମୃତଦେହ ପଡ଼ିଥିବା ଜାଣିବାକୁ ପାଇଥିଲେ। ଖବର ପାଇ ସଦର ଥାନା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ମଧ ସେଠାରେ ପହଞ୍ଚିଥିଲା। ସେଠାରୁ ମୃତକଙ୍କ ମୋବାଇଲ ଏବଂ ବାଇକ୍‌କୁ ପୋଲିସ ଜବତ କରିଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଭିତ୍ତିକରି ଗଙ୍ଗାଙ୍କୁ କେହି ହତ୍ୟା କରିଥିବା ପୋଲିସ ଅନୁମାନ କରିଥିଲା।

### ବରିଷ୍ଠ ପ୍ରଶାସକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପରଲୋକ



ବ୍ରହ୍ମପୁର ଅଫିସ,୧୫।୫: ଗଞ୍ଜାମ ଜିଲା ଶିଳ୍ପକେନ୍ଦ୍ର ପୂର୍ବତନ ଜେନେରାଲ ମ୍ୟାନେଜର ଏବଂ ଶିଳ୍ପ ବିଭାଗର ପ୍ରାକ୍ତନ ଉପନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ସାହୁ(୮୦)ଙ୍କର ଶିଳ୍ପାଞ୍ଚଳ ବାସଭବନରେ ସୋମବାର ପରଲୋକ ହୋଇଛି। ସେ କିଛିଦିନ ଧରି ଅସୁସ୍ଥ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ପଙ୍କଜ କୁମାରୀ ସାହୁ, ପୁତ୍ର ଜ୍ୟୋତିର୍ମୟଙ୍କ ସମେତ ପରିବାରର ଅନ୍ୟମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହି ବରିଷ୍ଠ ପ୍ରଶାସକଙ୍କ ବିୟୋଗରେ ବିଭିନ୍ନ ମହଲରେ ଓ ଶିଳ୍ପାଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ଶିଳ୍ପାଞ୍ଚଳ ସକଳେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ପଞ୍ଚାନନ ଚୌଧୁରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ଆତ୍ମାର ସଦଗତି କାମନା କରିଛନ୍ତି।

# ଦୈନିକ ଆସୁଛି ୩୬୦ଟନ୍ ଆମ୍ବ

ବ୍ରହ୍ମପୁର ଅଫିସ,୧୫।୫

ଗଞ୍ଜାମ ଜିଲା ସମେତ ରାଜ୍ୟ ବାହାରୁ ଆମ୍ବ ରପ୍ତାନି କ୍ଷେତ୍ରରେ ବ୍ରହ୍ମପୁର ନୀଳକଣ୍ଠେଶ୍ୱର ଆମ୍ବ ବଜାରର ବିଶେଷ ଚାହିଦା ରହିଛି। ଏହି ବଜାରକୁ ପ୍ରତିଦିନ ୩୬୦ ଟନ୍ ଆମ୍ବ ଆସୁଛି। ଏଠାରୁ ଗଞ୍ଜାମ ସମେତ କଟକ, ଭୁବନେଶ୍ୱରକୁ ମଧ ପଠାଯାଉଛି। ଏପରିକି ସମଗ୍ର ଦକ୍ଷିଣ ଓଡ଼ିଶାର ଏହା ଆମ୍ବ ବ୍ୟବସାୟର ପେଣ୍ଠସ୍ଥଳୀ କହିଲେ ଅତ୍ୟୁକ୍ତି ହେବନାହିଁ। ବଜାରରେ ବର୍ତ୍ତମାନ ଆମ୍ବ ବିକ୍ରି ବୃଦ୍ଧି ପାଇଛି। ସୁବର୍ଣ୍ଣରେଖା ଆମ୍ବର ଚାହିଦା ଅଧିକ ଥିବା ଜଣାପଡ଼ିଛି।

ସାବିତ୍ରୀ ଅମାବାସ୍ୟାକୁ ଦୃଷ୍ଟିରେ ରଖି ଏବେଠାରୁ ନୀଳକଣ୍ଠେଶ୍ୱର ହୋଲ୍‌ସେଲ୍ ବଜାରରେ ନାନା କିସମର ଆମ୍ବ ବିକ୍ରି ହେଉଥିବା ଦେଖିବାକୁ ମିଳିଛି, ଯେଉଁଠାରୁ କି ସହରର ରିଟେଲ ବ୍ୟବସାୟୀମାନେ କ୍ରୟକରି ବିକ୍ରି କରୁଛନ୍ତି। ବର୍ତ୍ତମାନ ବଜାରରେ ସୁବର୍ଣ୍ଣରେଖା, ବାଇଗଣପଲୀ, ନଡ଼ିଆ ଆମ୍ବ ଓ ଅମୃତ କଳସୀ ଭଳି କିସମ ଅଧିକ ବିକ୍ରି ହେଉଛି। ବର୍ତ୍ତମାନ ଆମ୍ବ କିଲୋପ୍ରତି ଦର ୭୦ରୁ ୧୦୦ ଟଙ୍କା ଯାଏ ରହିଛି। ତେବେ ରିଟେଲ ବ୍ୟବସାୟୀଙ୍କଠାରୁ ଆରମ୍ଭକରି ଖୁଚୁରା ବ୍ୟବସାୟୀମାନେ ନୀଳକଣ୍ଠେଶ୍ୱର ଆମ୍ବ ବଜାର ଉପରେ ହିଁ ନିର୍ଭର କରିଥାନ୍ତି।



ବଜାରରେ ବିକ୍ରି ଲାଗି ରଖାଯାଇଥିବା ବିଭିନ୍ନ କିସମର ଆମ୍ବ।

### ନୀଳକଣ୍ଠେଶ୍ୱର ଆମ୍ବ ବଜାର

- ବିଭିନ୍ନ ସ୍ଥାନକୁ ହେଉଛି ରପ୍ତାନି
- ସୁବର୍ଣ୍ଣରେଖାର ଚାହିଦା ଅଧିକ

ସୂଚନାଯୋଗ୍ୟ, ନୀଳକଣ୍ଠେଶ୍ୱର ଆମ୍ବ ବଜାର ୧୯୯୪ରେ ପ୍ରତିଷ୍ଠା ହୋଇଥିଲା। ବର୍ତ୍ତମାନ ଏହି ବଜାରରେ ୮୨ଟି ଦୋକାନ ରହିଛି। ଏହି ବଜାରକୁ ଆନ୍ଧ୍ରରୁ ପ୍ରଚୁର ପରିମାଣର ଆମ୍ବ ଆମଦାନୀ ହେଉଛି। ଆନ୍ଧ୍ରର ବିଜୟନଗରମ୍, ରାଜମହେନ୍ଦ୍ରୀ ଓ ଟୁନି ଆଦି ଅଞ୍ଚଳରୁ ଆମ୍ବ ଆସୁଥିବା ବଜାର ସମ୍ପାଦକ ପ୍ରକାଶ ଚନ୍ଦ୍ର ଗୌଡ଼ କହିଛନ୍ତି। ଏହିସବୁ ଅଞ୍ଚଳରୁ ପାନକୁଲୁ ଓ କଲମ୍ବି ଆମ୍ବ ଆମଦାନୀ ହେଉଛି। ଏବେ ବଜାରକୁ ପ୍ରତିଦିନ ୩୬୦ ଟନ୍ ଆମ୍ବ ଆସୁଥିବା ସମ୍ପାଦକ କହିଛନ୍ତି। ଏହି ଆମ୍ବଗୁଡ଼ିକ କଟକ ଓ ଭୁବନେଶ୍ୱର ସମେତ ଅନ୍ୟ ଆଡକୁ ମଧ ପଠାଯାଉଛି।

# ମା'ଙ୍କୁ ଦର୍ଶନ କଲେ ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର

### ଲାଞ୍ଜିପଲ୍ଲୀ ଠାକୁରାଣୀ ଯାତ୍ରା ଅଷ୍ଟମ ଦିନରେ ମା'ଙ୍କ ବିଶ୍ରାମ

ବ୍ରହ୍ମପୁର ଅଫିସ,୧୫।୫

ବ୍ରହ୍ମପୁରରେ ହେଉଥିବା ଲାଞ୍ଜିପଲ୍ଲୀ ଠାକୁରାଣୀ ଯାତ୍ରା ସୋମବାର ଅଷ୍ଟମ ଦିନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଏଥିରେ ବ୍ରହ୍ମପୁରର ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ମଣ୍ଡପରେ ମା'ତାରାଦେବୀଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ବୃଷ ସଂକ୍ରାନ୍ତି ଥିବାରୁ ମା'ଙ୍କ ଘଟ ପରିକ୍ରମା ବନ୍ଦ ରହିଥିଲା। ସନ୍ଧ୍ୟା ଆଳତି ପରେ ମା' ମଣ୍ଡପରେ ବିଶ୍ରାମ ନେଇଥିଲେ। ମା'ଙ୍କ ବିଶ୍ରାମ ଯୋଗୁ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଯାତ୍ରାରେ କୃଷ୍ଣ, ରାକ୍ଷସ, ରାମ ବଳରାମ ଓ ରାଧାକୃଷ୍ଣ ଆଦି ବିଭିନ୍ନ ବେଶ ଦେଖିବାକୁ ମିଳିଥିଲା। ମାନସିକ ଧାରୀମାନେ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ରାତିରେ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।



ମା' ତାରାଦେବୀଙ୍କୁ ଦର୍ଶନ କରୁଛନ୍ତି ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର।

### ଅସଦାଚରଣ, ହତ୍ୟା ଧମକ ଅଭିଯୋଗରେ ଜଣେ ଗିରଫ

ବ୍ରହ୍ମପୁର ଅଫିସ, ୧୫।୫

ଜନୈକା ନାବାଳିକାଙ୍କ ଘରେ ପଶି ତାଙ୍କୁ ଉଠାଇ ନେବା ଉଦ୍ୟମ ପ୍ରତିବାଦ କରିବାରୁ ନାବାଳିକା ଓ ତାଙ୍କ ମା'ଙ୍କୁ ଅସଦାଚରଣ ସହ ହତ୍ୟା ଧମକ ଦେବା ଅଭିଯୋଗରେ ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଜଗବନ୍ଧୁ ସାହିର ସୀମାଞ୍ଚଳ ସାବତ (୨୮)। ମାମଲା ନମ୍ବର ୧୫୧/୨୩ରେ ସୋମବାର ଗିରଫ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଅଭିଯୁକ୍ତ ସୀମାଞ୍ଚଳ ପୂର୍ବରୁ ମଧ ୨୦୨୧ରେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଗିରଫ ହୋଇ କୋର୍ଟଚାଲାଣ ହୋଇଥିଲେ। ତେବେ ସର୍ତ୍ତମୂଳକ ଜାମିନ ପାଇ ଜେଲରୁ ମୁକୁଳିଥିବା ବେଳେ ପୁଣିଥରେ ତାଙ୍କର କେତେଜଣ ସହଯୋଗୀଙ୍କ ସହ ମିଶି ଗତ ୯ ତାରିଖରେ ଗ୍ରିଲ୍ ଭାଙ୍ଗି ନାବାଳିକାଙ୍କ ଘରେ ପଶିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ସ୍ୱାଗତିକା



@ ପ୍ରଦୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରମ୍ଭା ପଞ୍ଚାୟତ

# ଜବ୍ କାର୍ଡଧାରୀଙ୍କ ପ୍ରାପ୍ୟ ହରିଲୁଟ ଅଭିଯୋଗ

ବ୍ରହ୍ମପୁର ଅଫିସ/ଚିକିଟି, (ଡି.ଏନ.ଏ.),୧୫।୫

ଚିକିଟି ବ୍ଲକ ଅନ୍ତର୍ଗତ ରମ୍ଭା ପଞ୍ଚାୟତର ଜବ କାର୍ଡଧାରୀଙ୍କ ପ୍ରାପ୍ୟ ହରିଲୁଟ ଅଭିଯୋଗରେ ସୋମବାର ଉକ୍ତ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପଞ୍ଚାୟତ ବାସିନ୍ଦାଙ୍କ କହିବାନୁସାରେ, ରମ୍ଭା ଗ୍ରାମରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ପରିବାର ରହୁଥିବା ବେଳେ ୩୬୦ ଜବ୍ କାର୍ଡଧାରୀ ଅଛନ୍ତି। କିନ୍ତୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗ୍ରାମବାସୀଙ୍କୁ କାମ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏପରିକି ଦୀର୍ଘ ମାସ ଧରି କାର୍ଯ୍ୟ କରିଥିବା ଶ୍ରମିକଙ୍କୁ ପ୍ରାପ୍ୟ ମିଳୁ ନାହିଁ। ଗ୍ରାମସାଥୀ ଏହି ଦୁର୍ନିତୀର ମୁଖ୍ୟ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ବହୁ ଗ୍ରାମବାସୀ ଜବ୍‌କାର୍ଡ ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏଣୁ ଜିଲା ପ୍ରଶାସନ ଉପରୋକ୍ତ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ମୀନା ଦ୍ୟାନ ସାମନ୍ତରାୟଙ୍କ ସମେତ ଡି.ପୋଲେୟା ରେଡ୍ଡୀ, ଡି. ଭେନୁ ଗୋପାଳ ରେଡ୍ଡୀ ଓ ଶତାଧିକ ମହିଳା ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଗ୍ରାମ ସାଥୀ ସତ୍ୟଭାମା ସାହୁଙ୍କୁ ପଚାରିବାରୁ ଯେଉଁ ମାନଙ୍କର ଜବ୍ କାର୍ଡ ଅଛି ସେମାନେ କାମ କରୁଛନ୍ତି, ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଯାଉଛି। ବିଡିଓ ହଳଧର ଶବରଙ୍କୁ ପଚାରିବାରୁ ଏହାକୁ ଅସ୍ୱୀକାର କରିବା ସହ ସରକାରଙ୍କ ନିୟମ ଅନୁସାରେ କାମ ଚାଲିଛି। ଏ ନେଇ ଅଭିଯୋଗ ଆସିନି ଯଦି ଆସେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ମହିଳା।

# ଘର ଛାତ ଉପରୁ ମିଳିଲା ନାବାଳକଙ୍କ ମୃତଦେହ

### ହତ୍ୟା ସନ୍ଦେହ, ପୋଲିସର ତନାଘନା

ବ୍ରହ୍ମପୁର ଅଫିସ,୧୫।୫

ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁର ବାଉରି କମାପଲ୍ଲୀ ଗ୍ରାମର ସୀମାଞ୍ଚଳ ଦାସଙ୍କ ପୁଅ ଶିବ(୭)ଙ୍କ ମୃତଦେହ ତାଙ୍କ ଘର ଛାତ ଉପରୁ ମିଳିଛି। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି। ମୃତଦେହ ପଞ୍ଚନାମା ବେଳେ ଶିବଙ୍କ ବେକରେ ଏକ କଳା ଦାଗ ରହିଥିବା ପୋଲିସ ଜାଣିବାକୁ ପାଇଛି। ସୋମବାର ପୋଲିସ ମୃତଦେହ ଜବତ କରି ୧୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ଭାବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ରବିବାର ଅପରାହ୍ନ ୫ଟାରେ ଶିବ ଅଚେତ ହୋଇ ଛାତ ଉପରେ ପଡ଼ିଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ଶିବଙ୍କ ମୃତଦେହ ସଂରକ୍ଷଣ କକ୍ଷରେ ରଖାଯାଇଥିଲା। ସୋମବାର ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। କିନ୍ତୁ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଶିବଙ୍କୁ ହତ୍ୟା କରାଯାଇଥିବା ପରିବାରବର୍ଗ ସନ୍ଦେହ କରୁଛନ୍ତି। ଅନ୍ୟପଟେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଶିଶୁ ସାହିତ୍ୟ ଆସର ଓ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ୍,୧୫।୫

ଶିଶୁ ସାହିତ୍ୟ ବିକାଶ ପରିଷଦର ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ଉତ୍ସବ ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ସଭାପତି ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ହାଡ଼ିବନ୍ଧୁ ମାଳି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର, ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ନାଟ୍ୟକାର ଡ. ବିଜୟ ଚନ୍ଦ୍ର ମହାରଣା, ଲେଖିକା ସାମ୍ମୁଖ୍ୟ ସାଧାରଣ ସମ୍ପାଦିକା ଡ. ସୂଚନା ପାଢ଼ୀ, କାର୍ଯ୍ୟକାରୀ ସଭାପତି ବିଜୟ ଚନ୍ଦ୍ର ନନ୍ଦ ଓ ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ ଶିଶୁଙ୍କ ପାଇଁ ଶିଶୁ ସାହିତ୍ୟର ଆବଶ୍ୟକତା ସମ୍ପର୍କରେ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ଶିକ୍ଷାବିତ୍ ପ୍ରଫେସର ଡ. ରବିନାରାୟଣ ମିଶ୍ର ସ୍ମୃତି ସମ୍ମାନରେ ଡ. ବିଜୟ ଚନ୍ଦ୍ର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶାର ଶିଶୁ ସାହିତ୍ୟ ପାଇଁ କବି ଅଭିରାମ ପଣ୍ଡାଙ୍କ ଅବଦାନ ଅବିସ୍ମରଣୀୟ। ତାଙ୍କ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଦୀର୍ଘ ୨୯ ବର୍ଷ ଧରି ଶିଶୁ ସାହିତ୍ୟର ସେବା କରିଆସୁଛି। ବିଶିଷ୍ଟ ସାହିତ୍ୟିକ ଶିକ୍ଷାବିତ୍ ନାଟ୍ୟ ଅଭିନେତା ପ୍ରଫେସର ରବିନାରାୟଣ ମିଶ୍ର ଆମ ପାଇଁ ପ୍ରେରଣାର ଉତ୍ସ ବୋଲି ମହାରଣା କହିଥିଲେ। ଡ. ସୂଚନା ପାଢ଼ୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଡ. ସରୋଜକାନ୍ତ ରଥ, ସଙ୍ଗଠନ ସମ୍ପାଦକ ସୁଦାମ ପାଣିଗ୍ରାହୀ, ଦେବୀପ୍ରସାଦ ମହାପାତ୍ର, ସୁବାସ ଚନ୍ଦ୍ର ନାୟକ, ଲିଙ୍ଗରାଜ ଜେନା, କୁମାର କାର୍ତ୍ତିକେଶ୍ୱର ପ୍ରଧାନ, ଉମାକାନ୍ତ ଦାସ, ଅନିଲ ତ୍ରିପାଠୀଙ୍କ ସମେତ ବହୁ ଶିଶୁ ସାହିତ୍ୟିକା ସାହିତ୍ୟିକ ଯୋଗ ଦେଇଥିଲେ।



ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଡ୍ରେନ୍ କାମ ବର୍ଷା ପୂର୍ବରୁ ସାରିବାକୁ ଦାବିପତ୍ର

ବ୍ରହ୍ମପୁର ଅଫିସ୍,୧୫।୫

ବ୍ରହ୍ମପୁର ରେଡିଓ ଷ୍ଟେଶନଠାରୁ ଲୋଚାପଡ଼ା ରାସ୍ତା ଓ ଡ୍ରେନ୍ କାମ ଦୀର୍ଘ ୪ ବର୍ଷ ଧରି ସମ୍ପୂର୍ଣ୍ଣ ହେଉ ନ ଥିବା ଏବଂ ନିମଖଣ୍ଡି-ରତ୍ନପୁର ରାସ୍ତାକାମ ବର୍ଷାଦିନ ପୂର୍ବରୁ ସାରିବା ପାଇଁ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଦାବି କରିଛି। ଏ ନେଇ କମିଟି ପକ୍ଷରୁ ସୋମବାର ରାସ୍ତା ଓ କୋଠାବାଡ଼ି ବିଭାଜନ ନଂ-୨ର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ରେଡିଓ ଷ୍ଟେଶନଠାରୁ ବ୍ରଜନଗରସ୍ଥିତ ଧୋବାନାଳ ପର୍ଯ୍ୟନ୍ତ ତିଆରି ହୋଇଥିବା ଡ୍ରେନ୍‌ରେ ତ୍ରୁଟି ରହିଛି। ଫଳରେ ଗତ କିଛିଦିନ ତଳେ ବ୍ରଜନଗରସ୍ଥିତ ରାଧାକୃଷ୍ଣ ମନ୍ଦିରରେ ପାଣି ପଶିବା ସହ ବହୁଦିନ ଧରି ଲୋଚାପଡ଼ା ରାସ୍ତାରେ ପାଣି ଲହଡ଼ି ମାରିଥିଲା। ପରେ କ୍ରିୟାନୁଷ୍ଠାନ କମିଟିର ହସ୍ତକ୍ଷେପ ଫଳରେ ପରିସ୍ଥିତିରେ ସୁଧାର ଆସିଥିଲେ ମଧ ସେ ତ୍ରୁଟି ସଜଡ଼ା ଯାଇ ନାହିଁ। ବର୍ତ୍ତମାନ ଲୋଚାପଡ଼ା ମୁଖ୍ୟରାସ୍ତାରେ ଥିବା ହନୁମାନ ମନ୍ଦିର ନିକଟରେ ପୁଣିଥରେ ତ୍ରୁଟିପୂର୍ଣ୍ଣ ଭାବରେ ମନଇଚ୍ଛା ଡ୍ରେନ୍ ନିର୍ମାଣ କରାଯାଇଛି। ଯାହାଦ୍ୱାରା ଭବିଷ୍ୟତରେ ସେଠାକାର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ ବୋଲି କମିଟି ଅଭିଯୋଗ କରିଛି। ସେହିଭଳି ଧୋବାନାଳ ବ୍ରିଜ୍ ସମ୍ପ୍ରସାରଣ କରିବା ନିମନ୍ତେ ସେଠାରେ ରାସ୍ତା ଖୋଳି ଦେଇଥିବା ଯୋଗୁ ଯାତାୟାତରେ ଅସୁବିଧା ସହ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଏହାକୁ ତୁରନ୍ତ ନିର୍ମାଣ କରିବାକୁ କମିଟି ଦାବି କରିଛି। ସେହିପରି ମୂଳ ଡିପିଆର ଆଧାରରେ ମୁଖ୍ୟ ଡ୍ରେନ୍ କଡ଼ରେ ପାଦଚଲା ପାଇଁ ପେବର ବ୍ଲକ ପକାଇବା



କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା କର୍ମକର୍ତ୍ତା।

### ନିମଖଣ୍ଡି-ରତ୍ନପୁର ରାସ୍ତା

କାର୍ଯ୍ୟ ଶୀଘ୍ର ସାରିବାକୁ ଦାବି ହୋଇଛି। ଉକ୍ତ ସମସ୍ତ ଦାବି ଉପରେ ଆଲୋଚନା କରି ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା କମିଟି ପକ୍ଷରୁ କୁହାଯାଇଛି।

ଆସନ୍ତା ୧୫ ଦିନ ମଧ୍ୟରେ ଉପରୋକ୍ତ ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ସମେତ ସାଧାରଣ ସମ୍ପାଦକ ଶିବ ପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ଟି.ସୁଦେଶ କୁମାର ପାତ୍ର, ସହସମ୍ପାଦକ ବି.ଭି. ସାଗର, ସାଙ୍ଗଠନିକ ସମ୍ପାଦକ ଶ୍ରୀକାନ୍ତ ପଢ଼ିହାରୀ, ଉପଦେଷ୍ଟା ତାରକେଶ୍ୱର ଦୋରା, ରାଜେନ୍ଦ୍ର ଜେନା, ଅଜିତ ପଟ୍ଟନାୟକ, ଦେବୀ ପ୍ରସାଦ ଦାସ, ଗୋପାଳ ଶତପଥୀ, ଅନିଲ ଅଧିକାରୀ ଓ କାହ୍ନୁ ଚରଣ ପତି ପ୍ରମୁଖ ଉପସ୍ଥିତ ଥିଲେ।

